## ଆଜି କ'ଣ କେଉଁଠି

**ଢେଙ୍କାନାଳ**
■ବଜରଙ୍ଗ କ୍ଲବ ବାର୍ଷିକ ଉତ୍ସବ ଆଗ୍ନେୟ-୨୦୧୯
ସ୍ଥାନ: ମିନି ଷ୍ଟାଡିୟମ୍
ସମୟ: ସନ୍ଧ୍ୟା ୬ଟା।

**ଭୁବନ**
■ଶହୀଦ ବାଜି ରାଉତଙ୍କ ବଳିଦାନ ଦିବସ
ସ୍ଥାନ: ନୀଳକଣ୍ଠପୁର
ସମୟ: ପୂର୍ବାହ୍ନ ୧୦ଟା।

**ବଅଁରପାଳ**
■ରାଜ୍ୟସ୍ତରୀୟ ଦୁର୍ଗାମାଧବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ ସମାରୋହ
ସ୍ଥାନ: ତଳମୂଳ
ସମୟ: ଅପରାହ୍ନ ୩ଟା।

## ସଂକ୍ଷେପରେ

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




ହିନ୍ଦୋଳ, ୧୦।୧୦(ଡି.ଏନ.ଏ): ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ତାଲୁକ ଆଇନସେବା କମିଟି ପକ୍ଷରୁ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ସବ୍‌ଜଜ୍ ସି.ଏଚ୍. ବାସୁଦେବ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ପତି, ସାମାଜିକ କର୍ମୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ଲାଗି ଆଇନରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। କୋର୍ଟ କର୍ମଚାରୀ ଗଙ୍ଗାଧର ସାହୁ ସହଯୋଗ କରିଥିଲେ।

### ବିଜୟା ଦଶମୀ ପାଳିତ

ହିନ୍ଦୋଳ,୧୦।୧୦(ଡି.ଏନ.ଏ.): ହିନ୍ଦୋଳ କଚେରି ପଡ଼ିଆଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ବିଜୟାଦଶମୀ ପାଳିତ ହୋଇଯାଇଛି। ସଂଘର ଶତାଧିକ ସଦସ୍ୟ ଯୋଗଦେଇ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରୁ ବାହାରି ପଥ ସଞ୍ଚାଳନ କରିଥିଲେ। କଚେରି ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶସ୍ତ୍ର ପୂଜା କରାଯାଇଥିଲା। ରାଜା ଶୈଳେନ୍ଦ୍ର ନାରାୟଣ ସିଂଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ ମିଶ୍ର, ମୁଖ୍ୟବକ୍ତା ସଂଘର ବିଭାଗ କାର୍ଯ୍ୟବାହ ପ୍ରଭାତ ସାହୁ, ଖଣ୍ଡ ସଞ୍ଚାଳକ ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଛାତ୍ରଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଭୁବନ, ୧୦।୧୦(ଡି.ଏନ.ଏ.): ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧୀନ ସାଥୁଆସାହିର ପ୍ରଭାସ ସାଥୁଆମହାପାତ୍ରଙ୍କ ଅକାଳ ମୃତ୍ୟୁ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବୁଧବାର ପୋଖରୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ଗୁରୁବାର ଅଞ୍ଚଳବାସୀ କ୍ୟାଣ୍ଡେଲ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପ୍ରଭାସ ବାଜି ରାଉତ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ଥିଲେ। ଏଥିସହ ସାଥୁଆ ସାହି ବଳଦଯାତ୍ରା କମିଟିର ମୁଖ୍ୟ କର୍ମକର୍ତ୍ତା ଭାବେ ଦାୟିତ୍ୱ ତୁଲାଉଥିଲେ। ବୁଧବାର ଯାତ୍ରା ପାଇଁ ପ୍ରସ୍ତୁତି ସାରି ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ସାହିର ବଳଦ ଶୋଭାଯାତ୍ରାକୁ ବନ୍ଦ ରଖାଯାଇଥିଲା।

### ସାପ କାମୁଡ଼ାରେ ପୂଜାରୀ ମୃତ

ସୋର, ୧୦।୧୦(ଡି.ଏନ.ଏ.) ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଶିବମନ୍ଦିର ପୂଜକ ରତ୍ନାକର ପଣ୍ଡା (୫୩)ଙ୍କ ଗୁରୁବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ତାଙ୍କ ଘର କେଦାରପୁର ଗ୍ରାମରେ। ସେ ରଘୁନାଥପୁର ଗ୍ରାମ ବାହାରକୁ ଶୌଚ ହେବା ପାଇ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ସୁରପ୍ରତାପ ସ୍ମୃତିପୀଠରେ ବାର୍ଷିକ ଉତ୍ସବ

# ଲୋପ ପାଇବାକୁ ବସିଲାଣି କୀର୍ତ୍ତିରାଜି: କେପି

■ଉଦ୍‌ବେଗ ବ୍ୟକ୍ତ କଲେ ଟ୍ରଷ୍ଟ ସଦସ୍ୟ
■ଜଳାଶୟ ପୁନରୁଦ୍ଧାର ଉପରେ ଗୁରୁତ୍ୱ

ଢେଙ୍କାନାଳ ଅଫିସ, ୧୦।୧୦

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ସୁରପ୍ରତାପ ସ୍ମୃତିପୀଠରେ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ (କେପି) କହିଲେ, ରାଜା ସୁରପ୍ରତାପଙ୍କ ସ୍ୱଳ୍ପ ଅବଧିର ଶାସନ କାଳ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନର ବିକାଶ ହୋଇପାରିଥିଲା। ମଠମନ୍ଦିରର ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେଉଥିଲେ। ଗ୍ରାମରେ ଆଧ୍ୟାତ୍ମିକ ଶିକ୍ଷା ପାଇଁ ଭାଗବତ ଟୁଙ୍ଗି ସ୍ଥାପନା କରାଯାଇଥିଲା। ସେ ନିଜେ ପାଦରେ ଚାଲିଚାଲି ନଗର ସଂକୀର୍ତ୍ତନ କରୁଥିଲେ। ଏବେ ଢେଙ୍କାନାଳ ଗଡ଼ଜାତ ରାଜ୍ୟର ଅନେକ ଐତିହାସିକ କୀର୍ତ୍ତିରାଜି ଲୋପ ପାଇବାକୁ ବସିଲାଣି। ଏହାକୁ ନେଇ କେପି ଉଦ୍‌ବେଗ ବ୍ୟକ୍ତ କରିଥିଲେ। ସେହିପରି ପୁରାତନ ନାମକୁ ପରିବର୍ତ୍ତନ କରାଯାଉଥିବାରୁ ବୈଠକରେ ସଭ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ।



କେ.ପି. ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି।

ଢେଙ୍କାନାଳ ଗଡ଼ଜାତ ଅଞ୍ଚଳରେ ପାନୀୟ ଜଳର ସୁବନ୍ଦୋବସ୍ତ ଲାଗି ୨୮ଟି ବଡ଼ ଜଳାଶୟ ଖନନ କରାଯାଇଥିଲା। ରକ୍ଷଣାବେକ୍ଷଣା ଅଭାବରୁ ସେଗୁଡ଼ିକ ପୋତି ହୋଇଗଲାଣି। ଜଳାଶୟ ଉପରେ କୋଠା, ପାର୍କ ନିର୍ମାଣ କରାଯାଇଛି। ଭୂତଳ ଜଳସ୍ତର କମିବାରେ ଲାଗିଛି। ଖରାଦିନେ ଜଳକଷ୍ଟ ଉତ୍କଟ ହେଉଛି। ସମସ୍ୟା ସମାଧାନ ଲାଗି ଖୁବ୍‌ଶୀଘ୍ର ସ୍ମୃତିପୀଠ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ଅବସରରେ ସ୍ମୃତିପୀଠର ଲକ୍ଷ୍ୟ ଆଧାରରେ କାର୍ଯ୍ୟ କରୁଥିବା ଢେଙ୍କାନାଳ ସଚେତନ ନାଗରିକ ଫୋରମକୁ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ କେପି ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂଦେଓ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ ମିଶ୍ର, ସଚେତନ ନାଗରିକ ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଜିଲା କଂଗ୍ରେସ କମିଟି ସଭାପତି ସୁରେଶ ପାଣିଗ୍ରାହୀ, ସୁବାସିନୀ ମହାକୁଡ, ରମେଶ ଚନ୍ଦ୍ର ପତି, ସୁରେଶ ଚନ୍ଦ୍ର ମିଶ୍ର, ଶରତ ଦାସ, ପ୍ରେମଶଙ୍କର ମିଶ୍ର, ରୁଦ୍ରମାଧବ ମହାପାତ୍ର, ପଙ୍କଜ ନାୟକ, ଗୁପ୍ତେଶ୍ୱର ମିଶ୍ର, ପରେଶ ମିଶ୍ର, ପ୍ରେମାନନ୍ଦ ମହାପାତ୍ର, ଅନନ୍ତ ଦତ୍ତ, ଶେଷ ପ୍ରସାଦ ଦାସ, ପ୍ରଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଟ୍ରଷ୍ଟ ବୋର୍ଡର ମାର୍ଗଦର୍ଶକ ତଥା କଳାହାଣ୍ଡି ମହାରାଜ ଉଦିତ ପ୍ରତାପ ଦେଓଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସମ୍ପାଦକ ସୁକାନ୍ତ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସୁନୀଲ ଦାଶ ଧନ୍ୟବାଦ ଦେଇଥିଲେ।

■ଟ୍ରକ୍ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ମାମଲା

# ବିଷ ପିଇ ଜୀବନ ହାରିଲେ ଅଭିଯୁକ୍ତ ଫେରାର ଡ୍ରାଇଭର

ଢେଙ୍କାନାଳ ଅଫିସ, ୧୦।୧୦

ଢେଙ୍କାନାଳ ସହରସ୍ଥିତ ୫୫ନଂ. ଜାତୀୟ ରାଜପଥର ଶକ୍ତିସୁଗାର କମ୍ପାନୀ ଏବଂ ଉତ୍କଳ ଆଜ୍‌ବେଷ୍ଟସ କାରଖାନା ନିକଟରେ ଗତ ୨୩ ତାରିଖରେ ଆଇରନ୍ ଓର୍ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଗର୍ଭବତୀଙ୍କ ସମେତ ୨ଜଣ ମୂର୍ତ୍ତି କାରିଗରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଟ୍ରକ୍ ଡ୍ରାଇଭର ଲିପେନ୍ଦ୍ର ଦାସ ଓରଫ୍ କାଳିଆ ଗୁରୁବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ଘର ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟାକଣା ଗ୍ରାମରେ ବୋଲି ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତ କାଳିଆ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ସେ ନାଗପୁର ପଳାଇଥିଲେ। ସେଠାରେ କିଛିଦିନ ରହିବା ପରେ ଘରକୁ ଫେରିଥିଲେ। ପାରିବାରିକ କହଳକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ସେଠାକାର ପୋଲିସ ଢେଙ୍କାନାଳ ଟାଉନ ଥାନାକୁ ଅବଗତ କରାଇଛି।

ସୂଚନାଯୋଗ୍ୟ, କାଳିଆଙ୍କ ଟ୍ରକ୍ ଧକ୍କାରେ ପ୍ରଥମେ ସ୍ୱାମୀଙ୍କ ସହ ବାଇକ୍‌ରେ ଯାଉଥିବା ଗର୍ଭବତୀ ସୁନିତା ବେହେରା(୨୫)ଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପୁଣି ଏକ ବାଇକ୍‌କୁ ଧକ୍କା ଦେବାରୁ ମୂର୍ତ୍ତି କାରିଗର ରତିକାନ୍ତ ସ୍ୱାଇଁ (୨୦) ଏବଂ ବିକାଶ ବାରିକ (୨୭)ଙ୍କ ଜୀବନ ଚାଲିଯାଇଥିଲା। ପୋଲିସ ଟ୍ରକ୍ ଜବତ କରି ତଦନ୍ତ ଜାରି ରଖିଥିଲା।

# ହୁଳହୁଳି, ଶଙ୍ଖ ଧ୍ୱନିରେ ମା'ଙ୍କୁ ବିଦାୟ



ଭୁବନ, ୧୦।୧୦(ଡି.ଏନ.ଏ.)

ଶାନ୍ତିଶୃଙ୍ଖଳାରେ ସରିଛି ଭୁବନର ଐତିହାସିକ ବଳଦଯାତ୍ରା। ବାଦ୍ୟବାଜଣାର ତାଳେତାଳେ ବିଦାୟ ନେଇଛନ୍ତି ମା' ଦଶଭୁଜା। ବୁଧବାର ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଥିବା ଭସାଣି ଶୋଭାଯାତ୍ରା ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟା ଯାଏ ଚାଲିଥିଲା। ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଲୋତକପୂର୍ଣ୍ଣ ଆଖିରେ ମା'ଙ୍କୁ ମେଲାଣି ଦେଇଥିଲେ। ହୁଳହୁଳି, ଶଙ୍ଖଧ୍ୱନିରେ ସମଗ୍ର ଅଞ୍ଚଳରେ ସୃଷ୍ଟି ହୋଇଥିଲା ଭକ୍ତିଭାବମୟ ପରିବେଶ।

ଶାନ୍ତି କମିଟିର ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଥିଲା ମା'ଙ୍କ ବିଦାୟ ପର୍ବ। ମିଳିତ ଭସାଣି ଶୋଭାଯାତ୍ରାରେ ୧୧ ପୂଜା ପ୍ରତିଷ୍ଠାନର ମେଢ଼ ଅଂଶଗ୍ରହଣ କରିଥିଲେ। ଏଥିସହ ୩୦ ସୁସଜ୍ଜିତ ବଳଦ ଏବଂ ୫ଷଣ୍ଢ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବଳଦିଆମାନେ ଗୁଜୁରିହାଟ ଏବଂ ଗୋପାଳମଣ୍ଡପରେ ନିଜନିଜ ବଳଦ ସହ ଶୋଭାଯାତ୍ରାରେ ମିଶିଥିଲେ। ନୂଆବଜାରରେ ମେଳଣ ହୋଇଥିଲା। ଶାନ୍ତି କମିଟି ନିଷ୍ପତ୍ତିକୁ ସମ୍ମାନ ଜଣାଇ ଚଳିତବର୍ଷ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ପାରମ୍ପରିକ ବାଦ୍ୟ, ନୃତ୍ୟ, ଲଉଡ଼ିବାଡି ଖେଳ ସହ ବିଭିନ୍ନ ଲୋକନୃତ୍ୟ ଭସାଣିର ଶୋଭା ବଢ଼ାଇଥିଲେ। ଏହାକୁ ଦେଖିବାକୁ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍ସ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଶକ୍ତିକାନ୍ତ ରାୟ, ଥାନାଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏନ୍‌ଏସି ପକ୍ଷରୁ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ବିଭାଗ ପକ୍ଷରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ସାତମାଇଲ,୧୦।୧୦(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ରଙ୍ଗାଗୋଳ ପଞ୍ଚାୟତ ଅନ୍ତର୍ଗତ ବାଲିମୀ ଗ୍ରାମରେ ଗୁରୁବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକ ସଂଘ ସଭାପତି ଶଶିଭୂଷଣ ବେହେରା, ସମ୍ପାଦକ ପ୍ରଶାନ୍ତ ଜେନାମଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଘର ସମସ୍ତ ସଦସ୍ୟ ଗ୍ରାମ କୋଠଘରେ ଏକାଠି ହୋଇ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ରାସ୍ତାପାର୍ଶ୍ୱ, ପୋଖରୀ ହୁଡ଼ା, ସ୍କୁଲ ଚାରିପାଖ ସଫା କରାଯାଇଥିଲା। ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୨ଟା ଯାଏ ଚାଲିଥିଲା। ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ବାଲିମୀକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ସମ୍ପାଦକ ଆହ୍ୱାନ ଦେଇଛନ୍ତି।

ଆମ୍ବପଡ଼ା ଲକ୍ଷ୍ମୀପୂଜା ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

# ମଣ୍ଡପ, ଆଲୋକସଜ୍ଜାକୁ ଗୁରୁତ୍ୱ

■ଦୈନିକ ପ୍ରସାଦ ସେବନ
■ସନ୍ଧ୍ୟାରେ ଭଜନକୀର୍ତ୍ତନ

ଢେଙ୍କାନାଳ ଅଫିସ, ୧୦।୧୦

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ା ଗ୍ରାମରେ ଚଳିତ ବର୍ଷ ଲକ୍ଷ୍ମୀପୂଜାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବ। ଏହାକୁ ନେଇ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

୧୯୭୦ରୁ ଆମ୍ବପଡ଼ା ବ୍ରାହ୍ମଣସାହିରେ ପ୍ରଥମେ ମା' ଲକ୍ଷ୍ମୀଙ୍କ ଆରାଧନା ଶୁଭାରମ୍ଭ ହୋଇଥିଲା। ଚଳିତବର୍ଷ ୧୩ ତାରିଖରୁ ପୂଜା ଆରମ୍ଭ ହୋଇ ୨୦ ତାରିଖ ଯାଏ ଚାଲିବ। ପୂଜାକୁ ସରସ ସୁନ୍ଦର କରିବାକୁ ମଣ୍ଡପ ପ୍ରସ୍ତୁତି, ଆଲୋକସଜ୍ଜାକୁ ଗୁରୁତ୍ୱ ଦିଆଯାଉଛି। ପୂଜା ଅବସରରେ ଦୈନିକ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ। ସନ୍ଧ୍ୟାରେ ଭଜନକୀର୍ତ୍ତନ ଅନୁଷ୍ଠିତ ହେବ। ପୂଜା ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

ଚନ୍ଦ୍ରଶେଖର ପଣ୍ଡା, ଦାଶରଥି ପାଣିଗ୍ରାହୀ, ଭ୍ରମରବର ପାଣିଗ୍ରାହୀ, ରମାକାନ୍ତ ପାଣିଗ୍ରାହୀ, ସୁବାସ ପାଣିଗ୍ରାହୀ, ବିଷ୍ଣୁଚରଣ ଦାସ, ହିରଣ୍ୟ ପାଣିଗ୍ରାହୀ, ସୁରେଶ ପଣ୍ଡା, ଚକ୍ରଧର ପଣ୍ଡା, ମାୟାଧର ପଣ୍ଡା, କମଳ ପଣ୍ଡା, ଅରବିନ୍ଦ ପାଣିଗ୍ରାହୀ, ଦୀନବନ୍ଧୁ ପଣ୍ଡା, ସିଦ୍ଧାନ୍ତ ଦାଶ, ସତ୍ୟାନନ୍ଦ ଦାଶ, ବିକ୍ରମାଦିତ୍ୟ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଚୋରା କାଠ ଜବତ, ବ୍ୟବସାୟୀ ଗିରଫ


ଜବତ କରାଯାଇଥିବା କାଠ।

ପରଜଙ୍ଗ, ୧୦।୧୦(ଡି.ଏନ.ଏ.)

ସଂରକ୍ଷିତ ଜଙ୍ଗଲରୁ ଚୋରା କାଠ ଚାଲାଣ ଅଭିଯୋଗରେ ବନ ବିଭାଗ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ପରଜଙ୍ଗ ବ୍ଲକ ଅଁଳାକଟା ଗ୍ରାମର କୈଳାସ ବେହେରା। ତାଙ୍କ ନାମରେ ଓଆର ୩୯/ଏମ୍ ୧୯/୨୦ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯିବ ବୋଲି ରେଞ୍ଜର ସୁବ୍ରତ କୁମାର ବେହେରା କହିଛନ୍ତି।

ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ଥିବା ସଂରକ୍ଷିତ ଜଙ୍ଗଲରୁ ଦୀର୍ଘଦିନ ହେଲା ଅବାଧ କାଠ ଚାଲାଣ କରାଯାଉଥିଲା। ଏଥିରେ କୈଳାସଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇ ଆସୁଥିଲା। ହେଲେ ବନ ବିଭାଗ ଆଖିରେ ଧୂଳି ଦେଇ ସେ ଏପରି ବ୍ୟବସାୟ କରି ଚାଲିଥିଲେ। ସେ ଯୋଜନାବଦ୍ଧ ଭାବେ ଜଙ୍ଗଲରୁ ମୂଲ୍ୟବାନ ଗଛ କାଟୁଥିଲେ। ସେସବୁକୁ ସାଇଜ୍ କରି ବାଇଗିଣିଆ ଗ୍ରାମର ରଞ୍ଜନ ଭୋଇଙ୍କ ଘରେ ରଖୁଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ଗୁରୁବାର ବନ ବିଭାଗ ପକ୍ଷରୁ ଅତର୍କିତ ଭାବେ ରଞ୍ଜନଙ୍କ ଘରେ ଏବଂ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ କାଠକଟାଳିମାନେ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। କିଛି ସମୟ ପରେ କାଠ ବ୍ୟବସାୟୀ କୈଳାସ ପୁଣିଥରେ ଘଟଣାସ୍ଥଳକୁ ଆସିଥିବାବେଳେ ବନ କର୍ମଚାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଘଟଣାସ୍ଥଳରୁ ୨୫ ଘନଫୁଟରୁ ଊର୍ଦ୍ଧ୍ୱ ମୂଲ୍ୟବାନ କାଠ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ରଞ୍ଜନ ଫେରାର ଅଛନ୍ତି। ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ରେଞ୍ଜରଙ୍କ ସମେତ ଡେପୁଟି ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ ପୂର୍ଣ୍ଣଚନ୍ଦ୍ର ବେହେରା, ଲୁସ୍ମିତା ସିଂ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ମାନସିକ ଅନଗ୍ରସରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୧୦।୧୦

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗଁଦିଆ ବ୍ଲକ ଲାଉଲଇ ଗ୍ରାମସ୍ଥିତ ପ୍ରିୟ ସିପିଏମ୍ ଆଣ୍ଡ ଏମ୍‌ଆର ଥଇଥାନ କେନ୍ଦ୍ର ପରିସରରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ମଳୟ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ସଚିବ ଅରୁଣ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ମଲ୍ଲିକ, ଏବିଡିଓ କିଶୋର ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଯୋଗଦେଇ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମାନସିକ ଅନଗ୍ରସର ପିଲାଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶ୍ରୀରାମଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଜୟ ସାମଲ, ଡା. ଦେବସ୍ମିତା ସାହୁ, ଏଏନ୍‌ଏମ୍ ବିଦ୍ୟାବତୀ ସାହୁ ପ୍ରମୁଖ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପାରାଲିଗାଲ ଭଲ୍ୟୁଣ୍ଟିୟର ଟଙ୍କଧର ବାରିକ, ପ୍ରୀତିଲଗ୍ନା ସେଠୀ, ଶୁଭାଶିଷ କବି, ଶିଳ୍ପା ଦାସ, ବୈକୁଣ୍ଠନାଥ ପାତ୍ର, ରଞ୍ଜିତା ବିଶ୍ୱାଳ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଅଭିଯୁକ୍ତ ଚମ୍ପଟ ଘଟଣା: ୨ ପୋଲିସ ନିଲମ୍ବିତ

ଚାନ୍ଦବାଲି, ୧୦।୧୦ (ଡି.ଏନ.ଏ.)

ପୋଲିସ ହେପାଜତରେ ଜେଲ୍‌କୁ ନିଆଯାଉଥିବା ବେଳେ ଅଧାରାସ୍ତାରେ ହାତକଡ଼ି ସହ ବାଇକ୍‌ରୁ ଡେଇଁ ଚମ୍ପଟ ମାରିଥିଲେ ଜଳେଶ୍ୱରପୁର ପଲେଇସାହି ଗାଁର ରାଜେନ୍ଦ୍ର ବାରିକ। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ବାଂଶଡ଼ା ଥାନାର କନଷ୍ଟେବଳ ତୁଷାରକାନ୍ତ ଦାସ ଏବଂ ମୂଷଳ ହାଂସଦାଙ୍କୁ ନିଲମ୍ବନ କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

କମେଣ୍ଟ ମାରିବା ଘଟଣାରେ ବାଂଶଡ଼ା ପୋଲିସ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା। ତାଙ୍କୁ ଭଦ୍ରକ ଜେଲ୍‌କୁ ନିଆଯାଉଥିବାବେଳେ ନାଳଗୁଣ୍ଡା ବଜାର ରାସ୍ତାରେ ସେ ବାଇକ୍‌ରୁ ଡେଇଁ ଖସି ପଳାଇଥିଲେ। ପ୍ରାୟ ୧୦ ଘଣ୍ଟା ପରେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ପୋଲିସ ଗିରଫ କରିଥିଲା। ମୂଷଳଙ୍କ ଅଭିଯୋଗକ୍ରମେ ଏ ନେଇ ଚାନ୍ଦବାଲି ଥାନାରେ ମାମଲା (ନଂ.୨୪୪/୧୯) ରୁଜୁ ହୋଇଥିଲା।

# ଡାକ୍ତର ନାହାନ୍ତି, ରୋଗୀ କଲବଲ

ହିନ୍ଦୋଳ, ୧୦।୧୦(ଡି.ଏନ.ଏ.)

ହିନ୍ଦୋଳ ଉପଖଣ୍ଡର ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ହିନ୍ଦୋଳ ଡାକ୍ତରଖାନାର ସ୍ୱାସ୍ଥ୍ୟସେବା ବିଗିଡ଼ି ଯାଇଛି। ଡାକ୍ତର ଅଭାବ ସମସ୍ୟାର ସିଧାସଳଖ ପ୍ରଭାବ ପଡ଼ିଛି ରୋଗୀସେବା ଉପରେ। ଏଠାକୁ ଆସୁଥିବା ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁ ନ ଥିବାରୁ ଅଧିକାଂଶ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୁରୁବାର ଡାକ୍ତରଖାନାରେ ମାତ୍ର ଜଣେ ଡାକ୍ତର ଥିଲେ। ଫଳରେ ଛୋଟ ଛୋଟ ପିଲା, ବୟସ୍କ ରୋଗୀମାନେ ବାରଣ୍ଡାରେ ପଡ଼ି ରହି କଲବଲ ହୋଇଥିଲେ।

ଉପଖଣ୍ଡ ଚିକିତ୍ସାଳୟ ଉପରେ ବ୍ଲକ ଅଞ୍ଚଳର ଲକ୍ଷାଧିକ ରୋଗୀ ନିର୍ଭରଶୀଳ। ହେଲେ ଡାକ୍ତର ଅଭାବ ସମସ୍ୟା, ଆନୁଷଙ୍ଗିକ ଭିତ୍ତିଭୂମି ଅଭାବରୁ ଦୁର୍ନାମ ମୁଣ୍ଡାଇଛି ଏହି ସ୍ୱାସ୍ଥ୍ୟକେନ୍ଦ୍ର। ୧୩ଜଣ ବଦଳରେ ମାତ୍ର ୪ଜଣ ଡାକ୍ତରଙ୍କ କାନ୍ଧରେ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ଲଦି ଦିଆଯାଇଛି। ଗୁରୁତର ରୋଗୀଙ୍କୁ ଚିକିତ୍ସା କରିବାକୁ ବିଶେଷଜ୍ଞ


ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ।

**ହିନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ର**

ନାହାନ୍ତି। ଗୁରୁବାର ମାତ୍ର ଜଣେ ଡାକ୍ତର ଥିବାବେଳେ ଶତାଧିକ ରୋଗୀ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିଲେ। ଏହାକୁ ନେଇ ଚିକିତ୍ସାଳୟରେ ଉତ୍ତେଜନା ଦେଖାଯାଇଥିଲା। ଦୀର୍ଘ ସମୟ ବିଳମ୍ବରେ ଜଣେ ଚୁକ୍ତିଭିତ୍ତିକ ଡାକ୍ତର ଆସିବା ପରେ ସ୍ୱାସ୍ଥ୍ୟସେବା ସାମାନ୍ୟ ସ୍ୱାଭାବିକ ହୋଇଥିଲା। ଏହି ସମସ୍ୟା ଗୋଟିଏ ଦିନର ନୁହେଁ, ଅଧିକାଂଶ ସମୟରେ ଏପରି ଅବ୍ୟବସ୍ଥା ଦେଖାଦେଉଛି। ଏଥିପ୍ରତି ଜିଲାପାଳ, ସିଡିଏମ୍‌ଓ ଗୁରୁତ୍ୱ ଦେବାକୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଦାବି କରିଛନ୍ତି।

ଏ ନେଇ ସିଡିଏମ୍‌ଓ ଡ. ନିରଞ୍ଜନ ମିଶ୍ର କୁହନ୍ତି, ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ଆସିନାହିଁ। ୨ଜଣ ଡାକ୍ତର ପୂଜା ଛୁଟିକୁ ମିଶାଇ ଆଉ କିଛିଦିନ ଛୁଟିରେ ଯାଇଥିବେ। ସେମାନେ ଫେରିବା ପରେ ଆଉ ୨ଜଣ ଛୁଟିରେ ଯିବେ। ଏଣୁ ସେଭଳି କିଛି ସମସ୍ୟା ହୋଇ ନ ଥିବ। ଯଦି ସେପରି କିଛି ହୋଇଥାଏ ତେବେ ଏହାର ସମାଧାନ କରାଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୧୧ ଅକ୍ଟୋବର /୨୦୧୯, Dhenkanal, Friday, October 11 / 2019

## ସଂକ୍ଷେପରେ

### ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି



ଛେଣ୍ଡିପଦା,୧୦।୧୦(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ବାଲିପଙ୍ଗା ଗ୍ରାମ ଗୋପବନ୍ଧୁ ଜନକଲ୍ୟାଣ ସମିତି ପକ୍ଷରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ସମିତି ସଭାପତି ସୁଦୀପ କୁମାର ଗଡନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଓ ସମିତି ସଦସ୍ୟଙ୍କ ଉପସ୍ଥିତିରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ଗ୍ରାମ ସଭାପତି ମଙ୍ଗଳୁ ସାହୁ, ସମ୍ପାଦକ ବରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିବାକୁ ସମିତି ସଦସ୍ୟମାନେ ଶପଥ ନେଇଥିଲେ। ସମିତି ଉପସଭାପତି ଲିଟୁ ଗଡନାୟକ, ସମ୍ପାଦକ ଖଗେଶ୍ୱର ସାହୁ, କୋଷାଧ୍ୟକ୍ଷ ଟୁନା ଗଡନାୟକଙ୍କ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉପସ୍ଥିତ ଥିଲେ।

## କୋଇଲା ପରିବହନକୁ ନେଇ ମାରପିଟ

# ଥାନାରେ ଅଭିଯୋଗ, ଧାରଣା

ତାଳଚେର,୧୦।୧୦(ନି.ପ୍ର.)

ଏମ୍‌ସିଏଲ୍‌ର ଭୁବନେଶ୍ୱରୀ କୋଇଲା ଖଣିରେ କୋଇଲା ପରିବହନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ମାରପିଟ ହୋଇଛି। ଏହାକୁ ନେଇ ଉଭୟ ପକ୍ଷ ତାଳଚେର ଥାନାରେ ଅଭିଯୋଗ କରିବା ସହ ଧାରଣା ଦେଇଛନ୍ତି। ଭୁବନେଶ୍ୱରୀ କୋଇଲା ଖଣିରେ ଟ୍ରକ୍‌ମାଲିକ ସଂଘର ଗାଡି କୋଇଲା ବୋଝେଇ ହେବା ପରେ ଅନ୍ୟଗାଡିରେ କୋଇଲା ବୋଝେଇ ହୋଇଥାଏ। ସନ୍ଧ୍ୟାରେ ୟୁଥ୍ ରୋଡ୍ ଲାଇନ୍‌ସର ସଦସ୍ୟମାନେ ସେମାନଙ୍କ ଟ୍ରକ୍‌କୁ ଆଗ କୋଇଲା ବୋଝେଇ କରିବାକୁ ଲାଇନ୍‌ରେ ରଖିଥିଲେ। ଏହାକୁ ଟ୍ରକ୍‌ମାଲିକ ସଂଘ ସଦସ୍ୟମାନେ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ, କଥାକଟା କଟି ଓ ମାରପିଟ ହୋଇଥିଲା। ଉଭୟପକ୍ଷ ପରସ୍ପର ବିରୋଧରେ ଅଭିଯୋଗ କରିବା ସହିତ ଭୁବନେଶ୍ୱରୀ ଖଣିରେ ଗୁଣ୍ଡାରାଜ ଚଳିବ ନାହିଁ ବୋଲି ସ୍ଲୋଗାନ ଦେଇ ଥାନାରେ ଧାରଣା ଦେଇ ବସି ରହିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ପୋଲିସ ଉଭୟଙ୍କ ସହ ଆଲୋଚନା ଜାରି ରଖିଛି।



ଥାନା ଆଗରେ ଧାରଣା ଦିଆଯାଇଛି।

## ଅନୁଗୋଳ ହୋମଗାର୍ଡ ଫାଇନାଲରେ

ବଁଅରପାଳ, ୧୦।୧୦ (ଡି.ଏନ୍.ଏ.)

ବଁଅରପାଳ ବ୍ଲକ ତଳମୂଳ ତରୁଣ କ୍ଲବ ଦ୍ୱାରା ଚାଲିଥିବା ରାଜ୍ୟସ୍ତରୀୟ ଦୁର୍ଗା ମାଧବ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅନୁଗୋଳ ହୋମଗାର୍ଡ ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ହାଇସ୍କୁଲ ପଡ଼ିଆଠାରେ ଖୋର୍ଦ୍ଧା ଓ ଅନୁଗୋଳ ହୋମଗାର୍ଡ ଟିମ୍ ମଧ୍ୟରେ ସେମିଫାଇନାଲ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଲ୍ ସ୍କୋର କରିପାରି ନ ଥିଲେ। ତେବେ ଟାଇବ୍ରେକର ସହାୟତାରେ ୫-୪ ଗୋଲରେ ଅନୁଗୋଳ ହୋମଗାର୍ଡ ଟିମ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ଖେଳରେ ନାଲ୍‌କୋ ପେରିଫେରି ଟ୍ରକ୍ ମାଲିକ ସଂଘ ସଭାପତି ସୁବାସ ପଟ୍ଟନାୟକ ମୁଖ୍ୟଅତିଥି ଓ ବିଷ୍ଣୁଚରଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ୫ମ ଥର ଖୋଲିଲା ରେଙ୍ଗାଳି ଗେଟ୍



କଣିହାଁ,୧୦।୧୦(ଡି.ଏନ.ଏ)

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀ ବନ୍ଧ ଯୋଜନାର ରେଙ୍ଗାଳି ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇଛି। ଏଥିଯୋଗୁ ଡ୍ୟାମ କର୍ତ୍ତୃପକ୍ଷ ୫ମ ଥର ବନ୍ୟାଜଳ ନିଷ୍କାସନ ପାଇଁ ଗୁରୁବାର ସନ୍ଧ୍ୟାରେ ଗୋଟିଏ ଗେଟ ଖୋଲିଛନ୍ତି। ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା କହିଛନ୍ତି, ଡ୍ୟାମର ଜଳ ଧାରଣ କ୍ଷମତା ୧୨୫.୪୦ ମିଟର ହୋଇଥିବାବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୧୨୪.୩୪ ମିଟର ପହଞ୍ଚିଥିଲା। ଫଳରେ ଡ୍ୟାମର ୯ ନଂ. ଗେଟକୁ ଖୋଲାଯାଇଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୦୧୮ ଘନ ମିଟର ଜଳ ପ୍ରବେଶ କରୁଥିବାବେଳେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାଓ୍ୱାର ଚାନେଲ ଓ ଖୋଲାଯାଇଥିବା ଗେଟରେ ୨୩୭୩ ଘନ ମିଟର ପାଣି ପ୍ରତି ସେକେଣ୍ଡରେ ନିଷ୍କାସିତ ହେଉଛି। ପ୍ରକାଶ ଥାଉ କି, ୪ର୍ଥ ଥର ପାଇଁ ଗତ ୭ ତାରିଖ ସକାଳେ ଗୋଟିଏ ଗେଟ ଖୋଲଯାଇ ୮ ତାରିଖରେ ବନ୍ଦ କରାଯାଇଥିଲା।




## ଜେରିଆଟ୍ରିକ ୱାର୍ଡରେ ତାଲା: ବୟସ୍କ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ

ଅନୁଗୋଳ ଅଫିସ, ୧୦।୧୦

ବୟସ୍କ ରୋଗୀ ବା ବରିଷ୍ଠ ନାଗରିକଙ୍କ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜେରିଆଟିକ ୱାର୍ଡ ଖୋଲାଯାଇଛି। କିନ୍ତୁ ଗତ ସପ୍ତାହେ ହେଲା ଉକ୍ତ ୱାର୍ଡରେ ତାଲା ଝୁଲାଇ ଦିଆଯାଇଥିବାରୁ ମେଡିକାଲକୁ ଆସୁଥିବା ବୟସ୍କ ରୋଗୀମାନେ ଅନ୍ୟ ୱାର୍ଡଗୁଡ଼ିକରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



ଗତ ଜୁଲାଇ ୧୫ରେ ଏହି ଜେରିଆଟିକ୍ ୱାର୍ଡ ଉଦ୍‌ଘାଟିତ ହୋଇଥିଲା। ଅନୁଗୋଳ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂ ଏହାକୁ ଉଦ୍‌ଘାଟନ କରିବା ପରଠାରୁ ବୟସ୍କ ରୋଗୀମାନଙ୍କୁ ଏଠାରେ ରଖାଯାଇ ଚିକିତ୍ସା କରାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଉକ୍ତ ୱାର୍ଡକୁ କାର୍ଯ୍ୟକ୍ଷମ କରା ନ ଯିବାରୁ କେତେଜଣ ବରିଷ୍ଠ ନାଗରିକ ଓ ସାମାଜିକକର୍ମୀ ଧାରଣାରେ ବସିଥିଲେ। ଫଳରେ ଗତ ଅଗଷ୍ଟ ୨୬ରେ ଉକ୍ତ ୱାର୍ଡରେ ରୋଗୀସେବା ଆରମ୍ଭ କରାଯାଇଥିଲା। କିନ୍ତୁ କିଛି ଦିନ ପରେ ପୁଣି ୱାର୍ଡକୁ ବନ୍ଦ କରିଦିଆଯାଇଛି। ମେଡିକାଲକୁ ଆସୁଥିବା ବୟସ୍କ ରୋଗୀଙ୍କୁ ବିଭିନ୍ନ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି। ଏବେ ୩୦ରୁ ଊର୍ଦ୍ଧ୍ୱ ଏପରି ରୋଗୀ ଅନ୍ୟାନ୍ୟ ୱାର୍ଡରେ ଚିକିତ୍ସିତ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ର ନାଥ ମହାନ୍ତି କହିଛନ୍ତି, ବାର୍ଦ୍ଧକ୍ୟ ଜନିତ ରୋଗୀ ଆସିଲେ ସେମାନଙ୍କୁ ଜେରିଆଟିକ ୱାର୍ଡରେ ଚିକିତ୍ସା କରାଯିବ। ବର୍ତ୍ତମାନ କୌଣସି ବାର୍ଦ୍ଧକ୍ୟ ଜନିତ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉ ନ ଥିବା ସିଡିଏମ୍‌ଓ କହିଛନ୍ତି।

## ମନ୍ଦିରରୁ ହୁଣ୍ଡି ଚୋରି

ଛେଣ୍ଡିପଦା,୧୦।୧୦ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗାଁର ବରାଳ ବାଲୁଙ୍କେଶ୍ୱର ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ହୁଣ୍ଡି ବାକ୍ସ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ମନ୍ଦିର ପୂଜକ ସକାଳେ ପୂଜା କରିବାକୁ ଯାଇଥିବାବେଳେ ହୁଣ୍ଡି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀଙ୍କୁ ପୂଜକ ଜଣାଇଥିଲେ। ହୁଣ୍ଡିରେ ସୁନା ସହ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଗ୍ରାମବାସୀ କହିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ମାଧପୁରରେ ମା'ଙ୍କୁ ମେଲାଣି

ମାଧପୁର, ୧୦।୧୦

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ବୁଧବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କନ୍ଧପଡା, କନ୍ହେଇବେରୁଣୀ, ବନ୍ଧୁପାଲି, ବାଲୁଆଘରା ଆଦି ଗ୍ରାମରେ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଇଥିଲା। ପାରମ୍ପରିକ ଢୋଲ, ନିଶାଣ, ସଂକୀର୍ତ୍ତନରେ ମେଢ ଗ୍ରାମ, ବଜାର ପରିକ୍ରମା କରିଥିଲା। କନ୍ଧପଡା ଦୁର୍ଗା ପୂଜା କମିଟି ସମ୍ପାଦକ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୦।୧୦ (ଡି.ଏନ.ଏ.)

ଠାକୁରଗଡ଼ ପୋଲିସ ଗୁରୁବାର ସକାଳେ ଗୋପୀନାଥପୁର ଗ୍ରାମରେ ଚଢ଼ାଉ କରି ସେହି ଗ୍ରାମର ନାରାୟଣ ନାୟକଙ୍କ ଘରୁ ୧୦ ଲିଟର ଦେଶୀ ମଦ ଜବତ କରିଛି। ଏହିଥିସହିତ ତାଙ୍କୁ ଗିରଫ କରାଯାଇଛି। ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ